# ତହସିଲଦାରଙ୍କ କାର୍ଯ୍ୟାଳୟ, ହିଞ୍ଜିଳିକାଟୁ (ଗଞ୍ଜାମ)

ପତ୍ରସଂଖ୍ୟା ...5478.../ ସଇରାତ                                        ତା ..28.11.20..

## ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦୀ ନିମନ୍ତେ ବିଜ୍ଞାପନ

[ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬ ଅନୁଯାୟୀ]

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ **ହିଞ୍ଜିଳିକାଟୁ** ତହସିଲ ଅନ୍ତର୍ଗତ Annexure – 1 ରେ ପ୍ରଦତ୍ତ **୧ଗୋଟି** ଲଘୁଖଣିଜ ଦ୍ରବ୍ୟ ସଇରାତ ଉତ୍ସକୁ ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ଦିର୍ଘମିଆଦୀ ଲିଜସୂତ୍ରେନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

### ସଇରାତ ଉତ୍ସର ବିବରଣୀ

| କ୍ରମିକ ନଂ | ସଇରାତ ଉତ୍ସର ନାମ | ମୌଜା | ଖାତା | ପ୍ଲଟ | ରକବା ଏକରରେ | କିସମ | ଧାର୍ଯ୍ୟ ରୟାଲଟିର ମୂଲ୍ୟ (ପ୍ରତି ଘନମିଟର) (ଟଙ୍କାରେ) | ଅତିରିକ୍ତ ଦେୟ (ପ୍ରତି ଘନମିଟର) (ଟଙ୍କାରେ) | ମୋଟ ଦେୟ (ପ୍ରତି ଘନମିଟର) (ଟଙ୍କାରେ) | M.G.Q ଅନୁସାରେ ବାର୍ଷିକ ସଇରାତର ପରିମାଣ | Solvency / Bank Guarantee | EMD in Rs. |
|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧ | ଖରିଡା ବାଲି ସଇରାତ ଉତ୍ସ | ଖରିଡା | ୫୫୪ | ୪୫୫୩/୧<br>୪୫୩୨/୧ | ୧୩.୦୦୦ | ନଦୀ | ୩୫ | ୧୩୫ | ୧୭୦ | ୧୫୫୦୦ | ୨୬୩୫୦୦୦ | ୧୩୨୬୫୦ |

ପ୍ରକାଶ ଥାଉକି ଲିଜ୍‌ରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ବିଶେଷ ଉତ୍ସଗୁଡ଼ିକୁ ପରିଦର୍ଶନ କରି, ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଆବେଦନ କରିବା ବାଞ୍ଛନୀୟ । ଲିଜନେବା ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀରହିବେ ନାହିଁ ; ଇଚ୍ଛୁକ ବ୍ୟକ୍ତି ବିଶେଷ **OMMC Rule 2016** ଏବଂ ଏହାର **Ammendments Rule** ମୁତାବକ ନିମ୍ନଲିଖିତ ଆବଶ୍ୟକୀୟ କାଗଜାତ ଜଉମୁଦ ଲଫାପାରେ ଆବେଦନ କରିବେ ।

୧. ଓଡ଼ିଶା ଲଘୁଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬ ଅନ୍ତର୍ଗତ ନିର୍ଭୁଲ ଭାବରେ ପୁରଣ ହୋଇଥିବା ଏବଂ ଦରଖାସ୍ତକାରୀଙ୍କ ଦ୍ୱାରା ଦସ୍ତଖତ କରାଯାଇଥିବା **ତିନି କିତା ଫର୍ମ-M (3 copies)** ଦାଖଲ କରିବେ ।

୨. ଦରଖାସ୍ତ ଫିଜ୍ ବାବଦକୁ ଟ.୧,୦୦୦/- (ଏକ ହଜାର) ଟଙ୍କାର ଟ୍ରେଜେରୀ ଚାଲାନ୍ (Head of Account-0853-Non-Ferrous Mining and Metallurgical Industries-102-Mineral concession Fess, Rents and Royalties) ଦାଖଲ କରିବେ । ଏହି ଦରଖାସ୍ତ ଫିଜ୍ ଫେରସ୍ତ କରାଯିବ ନାହିଁ ।

Scanned with CamScanner

୩. ଉତ୍ସର ନାମ, ତଫସିଲ ଓ ସରହଦ୍ଦର ବିବରଣୀ ସଂଲଗ୍ନ କରିବା ହେବେ ।

୪. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ଏବଂ ରାଜସ୍ୱ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ଦାଖଲ କରିବେ ।

୫. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guaranteed Quantity) ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲ୍‌ଟିର ସମପରିମାଣର ଏକ ଶୋଧକ୍ଷମ ପ୍ରମାଣପତ୍ର (Solvency Certificate) ଯାହାର ଅବଧି ୬୦ମାସ ହେବା ଆବଶ୍ୟକ)କିମ୍ବା ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee) ଦାଖଲ କରିବେ ।

[Requisite Extent of Solvency = Minimum Guaranteed Quantity / Bank Guarantee X (Offered Additional Charge + Royalty)]

୬. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଓ ରୟାଲ୍‌ଟିର ଶତକଡା ୫ ଭାଗ EMD (Earnest Money Deposit) ନିମନ୍ତେ ତହସିଲଦାରଙ୍କ ନାମରେ ଚଳ ବନ୍ଧକ କୃତ ବା Pledged ବ୍ୟାଙ୍କ ଡ୍ରାଫ୍‌ଟ୍ ନିର୍ଦ୍ଧାରିତ ହୋଇଥିବା EMD (Earnest Money Deposit) ର **ପରିମାଣକୁ ଆବେଦନକାରୀ ତହସିଲଦାର, ଦ୍ଦିଗିଲିକାଟୁଙ୍କ ନାମରେ** ଚଳବନ୍ଧକକୃତ ବା Pledged ବ୍ୟାଙ୍କ ଡ୍ରାଫ୍‌ଟ୍ ମାଧ୍ୟମରେ ଦରଖାସ୍ତ ସହ ସଂଲଗ୍ନ କରିବେ ନଚେତ୍ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।

୭. ଦରଖାସ୍ତକାରୀ ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଅସ୍ଥାବର ସମ୍ପତ୍ତି ତାଲିକା ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ତଥା ବୈଷୟିକ ଜ୍ଞାନ, ଅଭିଜ୍ଞତା, ପାଖରେ ଥିବା ଯନ୍ତ୍ର ସମୂହ ଓ ଆର୍ଥିକ ସ୍ଥିତି ଇତ୍ୟାଦିର ପ୍ରମାଣପତ୍ର ସଂଲଗ୍ନ କରିବେ ।

୮. ଆବେଦନକାରୀଙ୍କ PAN Card ର ନକଲ । ଦରଖାସ୍ତକାରୀ ବର୍ଷର ଆୟକର ଦାଖଲ (Income Tax Return Filing) ବିବରଣୀର ନକଲ / GST Clearance Certificate ର ନକଲ ଦାଖଲ କରିବେ ।

୯. ଦରଖାସ୍ତକାରୀ ସଇରାତ ଉତ୍ସ ଆବେଦନ କରିବା ପୂର୍ବରୁ ଉକ୍ତ ଉତ୍ସକୁ ପରିଦର୍ଶନ କରିଥିବାର ଏକ ସ୍ୱ-ଘୋଷିତ ଲିଖିତନାମା (Self Declaration) ଦାଖଲ କରିବେ ।

୧୦. ଦରଖାସ୍ତକାରୀ ସଇରାତ ଉତ୍ସର Mining Plan preparation, EC preparation and Sairat Advertising cost ର ସମସ୍ତ ଖର୍ଚ୍ଚ ବାବଦ ମୂଲ୍ୟ ଦେବା ନେଇ ଏକ ସତ୍ୟପାଠ ଦାଖଲ କରିବେ ।

୧୧. ଦରଖାସ୍ତକାରୀ ଦରଖାସ୍ତ ଲଫାପାର ଉପରି ଭାଗରେ ବଡ ଅକ୍ଷରରେ କେଉଁ ସଇରାତ ଉତ୍ସ ନିମନ୍ତେ ଆବେଦନ କରବେ ଏବଂ ଆବେଦନକାରୀଙ୍କ ନାମ ଠିକଣା ଓ ଫୋନ ନଂ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ , ନଚେତ ଦରଖାସ୍ତଟିକୁ ନାକଚ କରି ଦିଆଯିବ ।

ଉପରୋକ୍ତ କାଗଜାତ ସହ ଦରଖାସ୍ତକୁ ଜଉମୁଦ-ଦିଆ ଲଫାପାରେ ରେଜିଷ୍ଟ୍ରି / ସ୍ପିଡପୋଷ୍ଟ ଡାକ ଯୋଗେ ନିମ୍ନଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା ଜଉମୁଦ-ଦିଆ ଟେଣ୍ଡର ବାକ୍ସରେ ତା. ୦୧.୧୨.୨୦୨୦ ରିଖରୁ ତା. ୧୫.୧୨.୨୦୨୦ରିଖ ମଧରେ ଯେ କୌଣସିକାର୍ଯ୍ୟ ଦିବସରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ଅପରାହ୍ନ ୫.୩୦ ଘଟିକା ମଧରେ ଦାଖଲ କରିପାରିବେ । ଉପରୋକ୍ତ ସମୟ ପରେ ଦରଖାସ୍ତ ଗ୍ରହଣୀୟ ହେବ ନାହିଁ ।

ଠିକଣା

**ତହସିଲଦାରଙ୍କ କାର୍ଯ୍ୟାଳୟ, ଦ୍ଦିଗିଲିକାଟୁ,**
**ଜିଲ୍ଲା – ଗଂଜାମ,**
**ରାଜ୍ୟ – ଓଡିଶା,**
**ପିନ୍ ନଂ - ୭୬୧୧୦୨**

**ଓଲଟାନ୍ତୁ ............ପୃଷ୍ଠା - ୩**

Scanned with CamScanner

ତା.୧୬.୧୨.୨୦୨୦ରିଖ ଦିବା ୧୧ ଘଟିକା ସମୟରେ ତହସିଲଦାର, ହିଣ୍ଡିଳିକାଟୁଙ୍କ କାର୍ଯ୍ୟାଳୟଠାରେ ଆବେଦନ କରାଯାଇଥିବା ଦରଖାସ୍ତଗୁଡିକୁ ଆବେଦନକାରୀ କିମ୍ବା ତାଙ୍କଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ବାକ୍ସ ଖୋଲାଯାଇ ପ୍ରାପ୍ତ ହୋଇଥିବା ଦରଖାସ୍ତଗୁଡିକୁ ତନଖି କରାଯିବ ଏବଂ **OMMC Rule 2016 ଅନୁଯାୟୀ ସମସ୍ତ ସର୍ତ୍ତାବଳୀକୁ ପୂରଣ କରୁଥିବା ଦରଖାସ୍ତଗୁଡିକୁ ବିଚାରକୁ ନିଆଯାଇ ତନ୍ମଧ୍ୟରୁ ସର୍ବୋଚ୍ଚ ଦର ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡିକୁ ବାତିଲ କରିଦିଆଯିବ ।**

ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ ପ୍ରାପ୍ତ ନ ହୁଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲିଜ୍ ପାଇଁ ଆଯୋଗ୍ୟ ବିବେଚିତ ହୁଅନ୍ତି, ତାହେଲେ ତା୧୭.୧୨.୨୦୨୦ରିଖରୁ ତା.୨୩.୧୨.୨୦୨୦ରିଖ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ ଇଚ୍ଛୁକ ବ୍ୟକ୍ତିମାନେ ପ୍ରଥମୋକ୍ତ ମତେ ଦରଖାସ୍ତ ଦାଖଲ କରିପାରିବେ, ସେ ସମସ୍ତ ବ୍ୟକ୍ତିଙ୍କ ଉପସ୍ଥିତରେ ତା.୨୪.୧୨.୨୦୨୦ରିଖ ଦିବା ୧୧ ଘଟିକା ସମୟରେ ଜଉମୁଦ ଖୋଲାଯାଇ ଲିଜ୍ ନିମନ୍ତେ ଚୟନ କରାଯିବ । ସେହିପରି ଯଦି ଦ୍ୱିତୀୟଥର ମଧ୍ୟ କୌଣସି ଉତ୍ସ ପାଇଁ ଆଦୌ ଦରଖାସ୍ତ ଆସି ନଥାଏ କିମ୍ବା ସମସ୍ତ ଉତ୍ସ ପାଇଁ ଆଯୋଗ୍ୟ ବିବେଚିତ ହୁଅନ୍ତି ତେବେ ତୃତୀୟଥର ପାଇଁ ତା.୨୮.୧୨.୨୦୨୦ରିଖରୁ ତା.୦୪.୦୧.୨୦୨୧ରିଖ ମଧ୍ୟରେ ଉପରୋକ୍ତ ମତେ ଦରଖାସ୍ତ ଦାଖଲ କରିପାରିବେଏବଂ ସେ ସମସ୍ତ ଦରଖାସ୍ତକୁ ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧୀକୃତ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ତା.୦୫.୦୧.୨୦୨୧ ଦିବା ୧୧ ଘଟିକା ସମୟରେ ଜଉମୁଦ ଖୋଲାଯାଇ ଲିଜ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

## ସର୍ତ୍ତାବଳୀ

୧. ଆବେଦନକାରୀମାନେ **OMMC Rule 2016** ଏବଂ ଏହାର **Ammendments Rule** ର ପରିସର ଭୁକ୍ତ ରହିବେ ।

୨. ଆବେଦନକାରୀ ଲିଜ୍ ପାଇଁ ଉଦ୍ଦିଷ୍ଟ ନିଲାମରେ ଭାଗ ନେବା ପୂର୍ବରୁ ସଇରାତ ଉତ୍ସ ଗୁଡିକୁ ପରିଦର୍ଶନ କରି ସଇରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ଥିବା ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଏହି ଲିଜ୍ ଉଦ୍ଦିଷ୍ଟ ନିଲାମରେ ଅଂଶ ଗ୍ରହଣ କରିବେ । ଲିଜ୍ ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ଏବଂ ସେଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଲିଜ୍ ଦିଆଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୩. ଲିଜ୍ ଧାରୀ Mining Plan, EC and Advertising ର ମୂଲ୍ୟ ଦାଖଲ କରିବେ ନଚେତ୍ ଲିଜ୍ ବାତିଲ କରାଯିବ । ସର୍ବୋଚ୍ଚ ନିଲାମଧାରୀ ସଇରାତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (consent to operate) ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରୁ (Odisha pollution control Board) ରୁ ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ।

୪. ଆବେଦନକାରୀ ପ୍ରାଧୀକୃତ ଅଧିକାରୀଙ୍କ ଦ୍ୱାରା (Competent Authority) ଧାର୍ଯ୍ୟହୋଇଥିବା ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟଠାରୁ କମ୍ ଦରରେ ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକୀୟ ଦଲିଲ ନକରିଥିବା ଦରଖାସ୍ତକାରୀଙ୍କ ଦରଖାସ୍ତ ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ । ଆବେଦନ ପତ୍ରରେ ରୟାଲଟି ଦର୍ଶାଇବା ପାଇଁ ଧାର୍ଯ୍ୟ ହୋଇଥିବା ସ୍ଥାନରେ ରୟାଲଟି ସହ ଅତିରିକ୍ତ ଦେୟ ପୃଥକ ପୃଥକ ଭାବରେ ଦର୍ଶାଇବେ ।

**୫. ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସଇରାତ ଉତ୍ସ ନିମନ୍ତେ ରୟାଲଟି ଉପରେ ସମାନ ମୂଲ୍ୟର ଅତିରିକ୍ତ ଦେୟ ଦର୍ଶାଇ ଥାଆନ୍ତି, ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।**

୬. ଯଦି କୌଣସି ଉତ୍ସ ନିମନ୍ତେ କେବଳ ଗୋଟିଏ ମାତ୍ର ଦରଖାସ୍ତ ଗ୍ରହଣ ହୋଇଥିବ ତେବେ ସେ ଉତ୍ସ ପାଇଁ ନିଲାମ କରାଯିବ ନାହିଁ ।

**ଓଲଟାନ୍ତୁ ............ପୃଷ୍ଠା - ୪**

Scanned with CamScanner

୭. ନିଲାମଧାରୀ ସମସ୍ତ (clearance ) ଦେୟ ଜମା କରିବା ପରେ Form N ରେ ଚୁକ୍ତି ପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚରେ ଏହାର ରେଜିଷ୍ଟ୍ରି (Registration Act 1908 & Stamp Act 1890 & 1899) ଅନୁଯାୟୀ ସମ୍ପାଦନ କରିବେ ।

୮. **OMMC Rule 2016** ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ଦାଖଲ ହୋଇଥିବା ଜମା ରାଶି ବାଜ୍ୟାପ୍ତି କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିବ ।

୯. ଲିଜ୍ ଧାରୀ ସଇରାତ ଉତ୍ସ ସମ୍ବନ୍ଧୀୟ ସମସ୍ତ ଦେୟ ଯଥା Royalty, Additional Charge, Dead Rent, Surface Rent, DMF, EMF ଓ ଅନ୍ୟାନ୍ୟ ଦେୟର OMMC Rules 2016 ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ଦାଖଲ କରିବେ ଏବଂ ଏ ସମସ୍ତ ଦେୟର ୨% ଆୟକର (TCS) ବାବଦକୁ ଜମା କରିବେ ।

୧୦. ଉପରୋକ୍ତ ସମସ୍ତ **ସର୍ତ୍ତାବଳୀ** ପୂରଣ ହେଲା ପରେ କାର୍ଯ୍ୟାଦେଶ ଦିଆଯିବ । **କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ** କାର୍ଯ୍ୟାଦେଶ ନ ପାଇବା ପର୍ଯ୍ୟନ୍ତ ଲିଜ୍‌ଧାରୀ ସଇରାତ ଉତ୍ସକୁ କାର୍ଯ୍ୟକ୍ଷମ କରିପାରିବେ ନାହିଁ ।

୧୧. ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ମନୋନୟନର ୭ (ସାତ) ଦିନ ମଧ୍ୟରେ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ଫର୍ମରେ ଜଣାଇଦିଆଯିବ । ସୂଚନା ପାଇବାର ୧୫ ଦିନ ମଧ୍ୟରେ ମନୋନୀତ ଆବେଦନକାରୀ **ସର୍ତ୍ତାବଳୀର** ସମ୍ମତି ପ୍ରଦାନ କରିବେ ଏବଂ ତତ୍ ସଙ୍ଗେସଙ୍ଗେ ଅମାନତ ରାଶି ଜମାକରିବେ । ଯଦି ମନୋନୀତ ବ୍ୟକ୍ତି ୧୫ ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି ତେବେ ଦ୍ୱିତୀୟ ସର୍ବାଧିକ ନିଲାମ ଧାରୀଙ୍କୁ ସୁଯୋଗ ଦିଆଯିବ ।

୧୨. ଲିଜ୍ ସମ୍ବନ୍ଧୀୟ ସମସ୍ତ **ସର୍ତ୍ତାବଳୀ** ଓ ଅନ୍ୟାନ୍ୟ କାଗଜାତ ହିଞ୍ଜିଳିକାଟୁ ତହସିଲ କାର୍ଯ୍ୟାଳୟରେ ଛୁଟି ଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ପାଇପାରିବେ । ଏହି ଇସ୍ତାହାରର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ସରକାରୀ Web site <u>WWW.Ganjam.nic.in</u> ରେ ଦେଖିପାରିବେ ।

୧୩. କ୍ଷମତାପ୍ରାପ୍ତ ଅଧିକାରୀ ଲିଜ୍ ଅବଧି ମଧ୍ୟରେ ଯେ କୌଣସି ସମୟରେ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ **(MGQ)** ଏବଂ ଅତିରିକ୍ତ ଦେୟ **(Additional Charge)** ର ସଂଶୋଧନ କରିପାରିବେ ।

୧୪. ନିଲାମ ଦରଖାସ୍ତକାରୀମାନେ ଓଡ଼ିଶା ଲଘୁଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬ ଏବଂ ତତ୍ ସଂଲଗ୍ନ ସରକାରୀ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ୍ୟ ହେବେ ।

୧୫. ଲିଜ୍‌ଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟରରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉଥିବା ଲଘୁଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧ କରିବା ସହିତ ଲଘୁଖଣିଜ ଉତ୍ତୋଳନ ଏବଂ ପରିବହନ ତ୍ରୟ ମାସିକ ହିସାବ ଏହି କାର୍ଯ୍ୟାଳୟରେ ଦାଖଲ କରିବେ ।

୧୬. ଯଦି ନିଲାମ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ସଂଶୋଧନ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଅଛି । ଏବଂ କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ୍ ବାତିଲ ବା ସ୍ଥଗିତ କରିପାରିବେ ।

୧୭. ଲିଜ୍ ଅବଧି ସମୟରେ ଲିଜ୍‌ଧାରୀ ଲିଜ୍ ସମ୍ବନ୍ଧୀୟ ସର୍ତ୍ତାବଳୀର ଉଲଙ୍ଘନ କଲେ ତାଙ୍କ ଲିଜ୍ ରଦ୍ଦ କରିବା ସଙ୍ଗେ ସଙ୍ଗେ ଜମା ରାଶିକୁ ବାଜ୍ୟାପ୍ତି କରାଯିବ ।

୧୮. ପରବର୍ତ୍ତୀ ସମୟରେ ଯଦି କୌଣସି ଦେୟର ମୂଲ୍ୟ ବୃଦ୍ଧି ହୁଏ କିମ୍ବା ସରକାରଙ୍କ ଦ୍ୱାରା କୌଣସି ନୂତନ ଦେୟ ଧାର୍ଯ୍ୟ ହୁଏ, ତେବେ ଉକ୍ତ ଦେୟ ଆଦାୟ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଛି ।

୧୯. ଲିଜ୍ ଧାରୀ Mines Act 1952 ଏବଂ Explosive Act 1984 ର ସମସ୍ତ ନିୟମ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ ।

**ତହସିଲଦାର,**
**ହିଞ୍ଜିଳିକାଟୁ, ଗଞ୍ଜାମ** ତା ୨୮/୧୧/୨୦୨୦

Scanned with CamScanner

ପତ୍ର ସଂଖ୍ୟା 5479 ତାରିଖ 28.11.20

ଏହାର ଏକକିତା ନକଲ ଜିଲ୍ଲାପାଳ, ଗଂଜାମ / ଉପ- ଜିଲ୍ଲାପାଳ, ଛତ୍ରପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର,
ହିଞ୍ଜିଳିକାଟୁ, ଗଞ୍ଜାମ

ପତ୍ର ସଂଖ୍ୟା 5480 ତାରିଖ 28.11.20

ଏହାର ଏକକିତା ନକଲ NIC, Ganjam ଙ୍କ ଅବଗତି ତଥା ଗଂଜାମ ଜିଲ୍ଲା Web site ରେ ଉପଲବ୍ଧ କରିବା ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର,
ହିଞ୍ଜିଳିକାଟୁ, ଗଞ୍ଜାମ

ପତ୍ର ସଂଖ୍ୟା 5481 ତାରିଖ 28.11.20

ଏହାର ଏକକିତା ନକଲ ଭାରପ୍ରାପ୍ତ ଅଧିକାରୀ, ହିଞ୍ଜିଳିକାଟୁ ପୋଲିସ୍ ଷ୍ଟେସନ୍‌ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର,
ହିଞ୍ଜିଳିକାଟୁ, ଗଞ୍ଜାମ

ପତ୍ର ସଂଖ୍ୟା 5482 ତାରିଖ 28.11.20

ଏହାର ଏକକିତା ନକଲ Block Development Officer, Hinjilicut ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର,
ହିଞ୍ଜିଳିକାଟୁ, ଗଞ୍ଜାମ

ପତ୍ର ସଂଖ୍ୟା 5483 ତାରିଖ 28.11.20

ଏହାର ଏକକିତା ନକଲ ସମସ୍ତ ପଂଚାୟତ କାର୍ଯ୍ୟାଳୟ ନୋଟିସ ବୋର୍ଡ / ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ / ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ / ଉକ୍ତ ଥିବା ସଂପୃକ୍ତ ଗ୍ରାମରେ ଜନସାଧାରଣଙ୍କ ଅବଗତି ଏବଂ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର,
ହିଞ୍ଜିଳିକାଟୁ, ଗଞ୍ଜାମ

Scanned with CamScanner

Annexure-I

| Sl.No | Name of the village/Mouza | Name of the Source | Type | Khata No. | Plot No. | Area (in Hc.) | Kissam | Rate of royalty per cum (in Rs.) | Additional Charge (in Rs.) | Minimum Guaranteed Quantity (in Cum) | Solvency (in Rs.) | EMD (in Rs.) |
|---|---|---|---|---|---|---|---|---|---|---|---|---|
| 1 | Kharida | Sand bed, Kharida | Sand | 554 | 4553/1<br>4532/1 | 13.000 | Nadi | 35 | 135 | 15500 | 2635000 | 131750 |

28/XI/20

Tahasildar, Hinjilicut

Scanned with CamScanner